SAMBAD
ସମ୍ବାଦ

17th June, 2020

# ଆଇଆଇଟିର ଏମ୍.ଟେକ୍ ପାଠ୍ୟକ୍ରମ ଲାଗି ଆଗ୍ରହ ବଢ଼ିଛି

ଭୁବନେଶ୍ୱର,୧୬/୬(ଇମିସ): ୨୦୨୦-୨୧ ଶିକ୍ଷାବର୍ଷରେ ଭୁବନେଶ୍ୱର ଆଇଆଇଟିର ଏମ.ଟେକ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ଦେଖିବାକୁ ମିଳିଛି। ପ୍ରଥମ ଚୟନ ତାଲିକା ପ୍ରକାଶ ସମୟରେ ଶିକ୍ଷାନୁଷ୍ଠାନର ୫ଟି ବିଭାଗର ୧୪ଟି ଏମ. ଟେକ୍ ସ୍ପେସିଆଲାଇଜେସନ୍ ବାବଦରେ ୱେବସାଇଟ୍‌ରେ ଅପ୍‌ଲୋଡ କରାଯାଇଥିବା ତାଲିକାରୁ ଏହି ସୂଚନା ମିଳିଛି। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏଥର ବି. ଟେକ୍ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ପ୍ରାର୍ଥୀଙ୍କ ପ୍ରଦର୍ଶନରୁ ନିଆଯାଇଥିବା ୱେଟେଜ୍ ସହ ଗେଟ୍ ସ୍କୋରକୁ ଆଧାର କରି ପ୍ରାର୍ଥୀ ଚୟନ ତାଲିକା ପ୍ରକାଶ ପାଇଛି। ତେବେ ଗତବର୍ଷ ତୁଳନାରେ ଚଳିତଥର ସମସ୍ତ ବର୍ଗରେ ଓ ପାଠ୍ୟକ୍ରମରେ ମନୋନୀତ ପ୍ରାର୍ଥୀଙ୍କ ଗେଟ୍ ସ୍କୋରର ଆରମ୍ଭ ଓ ଶେଷରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିବା ଆଇଆଇଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାର୍ଥୀଙ୍କ ଗେଟ୍ ସ୍କୋରର ଆରମ୍ଭରେ ହାରାହାରି ୮.୩ ପ୍ରତିଶତ ଓ ଶେଷରେ ହାରାହାରି ୧୨.୧୭ ପ୍ରତିଶତ ବୃଦ୍ଧି ହୋଇଥିବା କୁହାଯାଇଛି।